# ନୂଆବର୍ଷକୁ ସ୍ୱାଗତ ସବୁଠି ଉତ୍ସବର ମାହୋଲ

## ଶୁଭେଚ୍ଛା ବାର୍ତ୍ତା ଦେଲେ ଜିଲାପାଳ

**କେନ୍ଦୁଝର,୧।୧(ଡି.ଏନ୍.ଏ)**

ନୂଆବର୍ଷ ଅବସରରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଜିଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜିଲାବାସୀଙ୍କର ସୁଖ ସମୃଦ୍ଧି କାମନା କରିଛନ୍ତି। ଏତଦ୍‌ବ୍ୟତୀତ ଜିଲାର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି। ଜିଲାରେ ସେବାରତ ଅଧିକାରୀ/କର୍ମଚାରୀମାନଙ୍କୁ ମଧ୍ୟ ନବବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ନିଜର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ପ୍ରତିବଦ୍ଧତା ରଖି ଜିଲାବାସୀଙ୍କୁ ସେବା ଯୋଗାଇ ଦେବା ପାଇଁ ଆହ୍ୱାନ ଜଣାଇଛନ୍ତି।

## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଗହଳି

**ଭୋଗରାଇ, ୧।୧(ଡି.ଏନ.ଏ.)**

ନବବର୍ଷ ଉପଲକ୍ଷେ ବାଲେଶ୍ୱର ଜିଲା ଭୋଗରାଇ ଏବଂ ଏହାର ଆଖପାଖ ସମୁଦ୍ରକୂଳ ପର୍ଯ୍ୟଟନସ୍ଥଳୀଗୁଡିକରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ ଜମିଥିଲା। ପାଗ ଅନୁକୂଳ ସହିତ ଛୁଟି ଦିନ ହୋଇଥିବାରୁ ପର୍ଯ୍ୟଟକମାନେ ଉଦୟପୁର, ତାଳସାରୀ, ସୁବର୍ଣ୍ଣପୁର ଦୀପ ବିଚିତ୍ରପୁର ଇକୋ ଟୁରିଜିମ୍, କୀର୍ତ୍ତନିଆ, ଚୌମୁଖ, ଡଗରା, ଚାନ୍ଦିପୁର, ଗୋପାଳପୁର ଆଦି ପର୍ଯ୍ୟଟନସ୍ଥଳୀରେ ଭ୍ରମଣ, ସମୁଦ୍ର ଢେଉରେ ଗାଧୋଇବା, ସମୁଦ୍ରରେ ବୋଟିଂର ମଜା ନେଇଥିଲେ। ଝାଉଁ ବଣରେ ପିକନିକ୍ ପାର୍ଟିର ଭୋଜିଭାତ ଓ ପାନୀୟର ଆସର ଜମିଥିବା ବେଳେ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣି ସମୁଦ୍ର କୂଳରେ ପ୍ରବଳ ଭିଡ ହୋଇଥିଲା।


ଚନ୍ଦନେଶ୍ୱର ଶୈବପୀଠ।

ଦୀଘା ସୈକତ ସହରରେ ସହସ୍ରାଧିକ ପର୍ଯ୍ୟଟକ ବିଜ୍ଞାନ କେନ୍ଦ୍ର, ଟୟଟ୍ରେନ, ଅମରାବତୀ ପାର୍କ ଆଦି ସ୍ଥାନଗୁଡିକ ବୁଲି ଦେଖିଥିଲେ। ଭୋଗରାଇର ପ୍ରସିଦ୍ଧ ଶୈବପୀଠ କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ମହାଦେବ ଏବଂ ମା' ବାସୁଳୀ ମନ୍ଦିରରେ ଅସଂଖ୍ୟ ଶ୍ରଦ୍ଧାଳୁ ଓ ରାଜନୈତିକ ଦଳର ନେତାମାନେ ମନସ୍କାମନା ପୂର୍ଣ୍ଣ ପାଇଁ ଭଗବାନଙ୍କଠାରେ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ବୋଲି ପ୍ରାର୍ଥନା କରିଥିଲେ। ନବବର୍ଷରେ ଜଳେଶ୍ୱର-ଚନ୍ଦନେଶ୍ୱର ୩୭ କି.ମି. ରାସ୍ତା ଚାରିଚକିଆ ଯାନର ଲମ୍ବାଲାଇନ ଲାଗି ରହିଥିବାବେଳେ ଚନ୍ଦନେଶ୍ୱର-ବର୍ଡ଼ର, ଚନ୍ଦନେଶ୍ୱର ତାଳସାରୀ ରାସ୍ତା ଦୀର୍ଘ ଘଣ୍ଟା ଧରି ଚାରିଚକିଆ ଯାନ ଜାମ ଯୋଗୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା।

## ମା' ତାରିଣୀଙ୍କ ସୁନାବେଶ

### ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କ ଭିଡ଼

**ଘଟଗାଁ,୧।୧(ଡି.ଏନ.ଏ)**

ନବ ବର୍ଷ ଉପଲକ୍ଷେ ମା' ତାରିଣୀଙ୍କ ପୀଠରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମଧ୍ୟ ରାତ୍ରରୁ ଘଟଗାଁ ବଜାର ଓ ହୋଟେଲ ଗୁଡ଼ିକରେ ଗହଳ ଚହଳ ଲାଗି ରହିଥିଲା। ଭୋର ଚାରିଟାରୁ ମା'ଙ୍କର ପୂଜକମାନେ ମା'ଙ୍କ ମାର୍ଜନା, ବଡ଼ସିଂହାର ବେଶ, ମଙ୍ଗଳଆଳତି ସହ ପୂଜା ଅର୍ଚ୍ଚନା କରିଥିଲେ। ପରେ ମାଆଙ୍କୁ ସୁନା ବେଶରେ ସାଜିତ କରିଥିଲେ। ସକାଳୁ ମନ୍ଦିରର ମୁଖ୍ୟ ଫାଟକ ଖୋଲିବା ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ପ୍ରବେଶ ଧାଡ଼ିରେ ଯାଇ ମାଆଙ୍କ ଦର୍ଶନ କରିଥିଲେ। ଶୃଙ୍ଖଳା ଦର୍ଶନ ପାଇଁ ୪ ବାରିକେଟ ବ୍ୟବସ୍ଥା ହୋଇଥିଲା। ୨ଟି ବାରିକେଟ ସାଧାରଣ ଦର୍ଶନ ଧାଡ଼ି ଥିବା ବେଳେ ଅନ୍ୟ ୨ଟି ଧାଡ଼ି ଭୋଗ ସାମଗ୍ରୀ ଡଲା ଧରି ନେବାର ବ୍ୟବସ୍ଥା ହୋଇଥିଲା। ମାନସିକ ୧୦୮ ନଡ଼ିଆ ଦୁଆର ଶୁଣି ମନ୍ଦିରରେ ପୂଜା ପାଇଁ ବ୍ୟବସ୍ଥା ଥିଲା। ଭକ୍ତଙ୍କ ଦର୍ଶନ ପାଇଁ ରବିବାର ଦିନରେ ପହଡ଼ ପଡ଼ି ନ ଥିଲା। ଚଳିତ ବର୍ଷ ଟ୍ରଷ୍ଟବୋର୍ଡ଼ ତରଫରୁ ନଡ଼ିଆ ଲଡୁ ଭକ୍ତମାନଙ୍କ ପାଇଁ ବଣ୍ଟନ କରଯାଇଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମ ଦୃଷ୍ଟିରୁ ୫ଟି ସ୍ଥାନରେ


ମା'ଙ୍କ ସୁନାବେଶ।

ଟ୍ରାଫିକ ବ୍ୟବସ୍ଥା ହୋଇଥିଲା। ଭକ୍ତମାନଙ୍କୁ ଟ୍ରାଫିକ ସ୍ଥଳରୁ ନେବା ଆଣିବା ପାଇଁ ମନ୍ଦିର ତରଫରୁ ମାଗଣା ବସ୍ ସେବା ଯୋଗାଇ ଦିଆଯାଇଥିଲା। ୨ ପ୍ଲାଟୁନ ପୋଲିସ ଫୋର୍ସ ଓ ୧୦ ଜଣ ଅଧିକାରୀଙ୍କୁ ନିୟୋଜିତ ଥିଲେ। ସ୍ଥାନୀୟ ତହସିଲଦାର ଜନକ ନାୟକ, ପୁଲିସ ଏସ୍‌ଡିପିଓ ସୁଶୀଲ ମିଶ୍ର, ଘଟଗାଁ ଥାନା ଅଧିକାରୀ ପ୍ରତିଭା ମଞ୍ଜରୀ ସାହୁ, ମନ୍ଦିର ଦାୟିତ୍ୱରେ ଥିବା ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ପ୍ରମୁଖ ଭକ୍ତଙ୍କୁ ସେବା ଯୋଗାଇଥିଲେ।

## ଭୀମକୁଣ୍ଡରେ ୫ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ

**ପାଟଣା,୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଘାଟ ବାଲିଯୋଡ଼ି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡ ନୂଆବର୍ଷ ପାଇଁ ଉତ୍ସବ ମୁଖର ରହିଥିଲା। ପର୍ଯ୍ୟଟନ ସ୍ଥଳରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଅନୁରୂପ ପାଟଣା ମୁଖ୍ୟାଳୟ ବୈତରଣୀ ନଦୀକୂଳ, ମାଧପୁର ଡ୍ୟାମ, ମିରିଗିଖୋଜି ପଞ୍ଚାୟତ ଅଶନଣି ଗାଁ ସିନ୍ଦୁର ଗୋରୀ ତୀର୍ଥରେ ପର୍ଯ୍ୟଟକଙ୍କ ଭିଡ଼ ହୋଇଥିଲା। ପର୍ଯ୍ୟଟକ ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି ଦିନଟିକୁ କଟାଇଥିଲେ।


ଭୀମକୁଣ୍ଡ ପାହାଡ଼ ଉପରେ ପର୍ଯ୍ୟଟକ ବୁଲୁଛନ୍ତି।

## ଆଖଣ୍ଡଳମଣି ପୀଠରେ ଭିଡ଼


ପୀଠ ପରିସରରେ ଶ୍ରଦ୍ଧାଳୁମାନେ।

**ଆରଡ଼ି, ୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ରବିବାର ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭୋର ୪ଟା ୩୦ରେ ପାଳିଆ ସେବାୟତଙ୍କ ଦ୍ୱାରା ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ପରେ ପ୍ରଭୁଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ କର୍ପୂର ଆଳତି, ନୈବେଦ୍ୟ ଅର୍ପଣ ଓ ପହିଲି ଘର୍ଷଣ ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଲମ୍ବା ଲାଇନରେ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭକ୍ତଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଯୋଗୁ ପୀଠ ଉତ୍ସବମୁଖର ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ବେଢ଼ା ପରିସର ପ୍ରକମ୍ପିତ ହୋଇ ଉଠିଥିଲା।

ତେବେ ପୀଠରେ ସ୍ୱଳ୍ପ ସଂଖ୍ୟକ ପୋଲିସ ମୁତୟନ ଯୋଗୁ ଯାନବାହନ ନିୟନ୍ତ୍ରଣରେ ବାଧା ଉପୁଜିଥିଲା। ଆରଡ଼ି ଫାଣ୍ଡିଠାରୁ ୨ ଚକିଆ ଓ ୪ ଚକିଆ ଯାନକୁ ଅଟକାଇ ଭିଡ଼ ନିୟନ୍ତ୍ରଣ କରାଯାଇପାରିଥିଲା। ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲ ଓ କର୍ମଚାରୀ ରମେଶ ରାଉତଙ୍କ ସମେତ ଅନ୍ୟ ଫାଣ୍ଡି ପୋଲିସ ଭିଡ଼ ନିୟନ୍ତ୍ରଣ କରିବାକୁ ନାକେଦମ୍ ହୋଇଥିଲେ। ଅନ୍ୟପଟେ ମୁଆଁ, ତିନିତର, ଧାନଖଣିଆ ଆଦି ନଦୀଘାଟ ଦେଇ ବିପଦସଙ୍କୁଳ ଅବସ୍ଥାରେ ଭକ୍ତମାନେ ପୀଠକୁ ଆଗମନ କରିଥିଲେ। ନଦୀଘାଟରେ ଓଡ୍ରାଫ ଟିମ୍ କିମ୍ବା ଦମକଳ ବାହିନୀ ମୁତୟନ କରାଯାଇ ନ ଥିବାରୁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କରୋନା କଟକଣା ଯୋଗୁ ଦୁଇବର୍ଷ ଧରି ଭକ୍ତମାନେ ନୂଆବର୍ଷରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ଚଳିତବର୍ଷ କଟକଣା କୋହଳ ହୋଇଥିବାରୁ ଏତେସଂଖ୍ୟକ ଶ୍ରଦ୍ଧାଳୁ ପୀଠକୁ ଆସିଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି।

## କିଟି ଗ୍ରୁପ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

### ଛାତ୍ରୀଛାତ୍ରଙ୍କୁ ଦିଆଗଲା ପାଠ୍ୟ ଉପକରଣ

**ଯୋଡ଼ା,୧।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଅଗ୍ରଣୀ ମହିଳା କିଟି ଗ୍ରୁପ ପକ୍ଷରୁ ନିଆରା ଭାବେ ନବବର୍ଷ ପାଳନ କରାଯାଇଛି। ଭୋଜିଭାତ, ମଜାମସ୍ତିରେ ସମସ୍ତେ ସମୟ କଟାଉଥିବା ବେଳେ ଗ୍ରୁପ୍ ସଦସ୍ୟାମାନେ ଯୋଡ଼ାସ୍ଥିତ ଟଲକ ହଟିଂଠାରେ ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରି ନୂଆ ବର୍ଷ ପାଳନ କରିଛନ୍ତି। ରବିବାର ପୂର୍ବାହ୍ନରେ ଗ୍ରୁପ ମୁଖ୍ୟ ସୁଜାତା ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ପ୍ରାୟ ୩୫୦ ଲୋକଙ୍କୁ ସହାୟତା ପ୍ରଦାନ କରିଥିଲେ। ମହିଳା, ପୁରୁଷ, ବୃଦ୍ଧା ଓ ବୃଦ୍ଧଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିବା ବେଳେ ଶିଶୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ, ପେନ, ପେନ୍‌ସିଲ, ଖାତା, ଟୋପି ପ୍ରଦାନ କରାଯାଇଥିଲା। ଗ୍ରୁପର ନିଜସ୍ୱ ପାଣ୍ଠି ବ୍ୟୟରେ ସହାୟତା କରାଯାଇଥିବା ଗ୍ରୁପ ମୁଖ୍ୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ୨୦୨୦-୨୧ କରୋନା କାଳରେ ଗ୍ରୁପ୍ ଦ୍ୱାରା ଭୋକ ଉପାସରେ ରହିଥିବା ମହିଳା ଓ ପୁରୁଷମାନଙ୍କୁ ଶିରିଡ଼ି ସାଇ ମନ୍ଦିରରେ ଖାଦ୍ୟ ବିତରଣ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏହିପରି ସାମାଜିକ କାର୍ଯ୍ୟ ଗ୍ରୁପ ପକ୍ଷରୁ କରାଯିବାର ଯୋଜନା ରହିଥିବା ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମ ସମୟରେ ଗ୍ରୁପର ସଦସ୍ୟା ରଶ୍ମି ମିତ୍ର, ରାଖୀ ଦାସ ଗୁପ୍ତା, କକୋଲି ବୋଷ ପ୍ରମୁଖ ସାମିଲ ଥିଲେ। ଗ୍ରୁପର କୋ ଅର୍ଡିନେଟର ମାନସ ଦାସ ପରିଚାଳନା କରିଥିଲେ।


କିଟି ଗ୍ରୁପ୍‌ର ସଦସ୍ୟ ଶୀତବସ୍ତ୍ର ବଣ୍ଟନ କରୁଛନ୍ତି।

## ଦିବ୍ୟାଙ୍ଗଙ୍କ ଜଗନ୍ନାଥ ଦର୍ଶନ

**ବାରିପଦା ଅଫିସ,୧।୧**

ବାରିପଦା ସ୍ଥିତ ରୋଜ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟର ଦିବ୍ୟାଙ୍ଗ ପିଲାଙ୍କୁ ନେଇ ମାରୁତି ସେନା ପକ୍ଷରୁ ନିଆରା ଢଙ୍ଗରେ ନବବର୍ଷ ପାଳନ କରାଯାଇଛି। ମାରୁତି ସେନା ସଙ୍ଗଠନର ଜିଲା ସଭାନେତ୍ରୀ ଶୁଭସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ୯୦ଜଣ ଦିବ୍ୟାଙ୍ଗ ପିଲାଙ୍କୁ ନେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇ ସେମାନଙ୍କ ମୁହଁରେ ହସ ଫୁଟାଇ ଖୁସି ମନାଇଛନ୍ତି। ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଡ୍ରାଇଭର ମହାସଂଘର ବାରିପଦା ନଗର ସଭାପତି ବିନୋଦ ଲୋହାର, ମାଧବାନନ୍ଦ ମହାରଣା, ତପନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମାରୁତି ସେନାର ରାଜ୍ୟ ଉପଦେଷ୍ଟା ରଞ୍ଜିତ ରାଉତ, ପ୍ରାଣକୃଷ୍ଣ ମହାପାତ୍ର, ସୁନିତା ସାହୁ, ଲକ୍ଷ୍ମୀ ଘୋଷ, ସୁଚିତ୍ରା ରାଉଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଜଗନ୍ନାଥ ମନ୍ଦିର ପରିସରରେ ଦିବ୍ୟାଙ୍ଗ ପିଲାମାନେ।

## ରୂପ୍‌ସାରେ ମିନି ମାରାଥନ

**ରୂପସା,୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ବାଖରାବାଦ ୟୁଥ୍ କ୍ଲବ୍ ପକ୍ଷରୁ ରବିବାର ନୂଆବର୍ଷରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ବାଖରାବାଦ ପଡ଼ିଆରୁ ଆରମ୍ଭ ହୋଇ ବୈଶିଙ୍ଗାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ପହଞ୍ଚିଥିଲା। ମନ୍ଦିରରେ ପୂଜାର୍ଚ୍ଚନା ସାରି ଏହି ମାରାଥନ ରୂପସା ବଜାରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଦୀର୍ଘବର୍ଷ ଧରି ଏହି ୟୁଥ୍ କ୍ଲବ୍ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ଭାରତୀୟ ସେନା ବାହିନୀରେ ଯୋଗ ଦେବା ପାଇଁ ତାଲିମ ପ୍ରଦାନ କରିଆସୁଛି। ବର୍ତ୍ତମାନ ସୁଦ୍ଧା ଅନ୍ୟୁନ ୨୦ ଜଣ ଶିକ୍ଷାର୍ଥୀ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରକାର ପୋଲିସ ବିଭାଗ ଓ ସେନାରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ୟୁଥ୍ କ୍ଲବ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସେନାରେ କାର୍ଯ୍ୟରତ କର୍ମଚାରୀ ଛୁଟିରେ ଆସି ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିଥାନ୍ତି। ମିନି ମାରାଥନ କାର୍ଯ୍ୟକ୍ରମରେ ଅନ୍ୟୁନ ୮୦ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଶେଷରେ ୟୁଥ୍ କ୍ଲବ୍‌ର ସମ୍ପାଦକ ସଞ୍ଜୀବ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।


ମାରାଥନରେ ସାମିଲ ଯୁବକ।

## ସେଲ୍ଫି ପଏଣ୍ଟରୁ ଗଣଦୌଡ଼

**ବନ୍ତ, ୧।୧(ଡି.ଏନ.ଏ.)**

ନୂଆବର୍ଷ ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକରେ ରବିବାର ପୂର୍ବାହ୍ନରେ ୩ୟ ବାର୍ଷିକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଟିଲୋ ସେଲ୍‌ଫି ପଏଣ୍ଟଠାରୁ ମାରାଥନ ଆରମ୍ଭ ହୋଇ ଐତିହାସିକ ବନ୍ତ ଡିଗିପୋଖରୀଠାରେ ଉଦ୍‌ଯାପିତ ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଉଦ୍ଦେଶ୍ୟରେ ମାରାଥନ୍ ଜରିଆରେ 'ହମ୍ ପଢ଼େଙ୍ଗେ, ଆଗେ ବଢ଼େଙ୍ଗେ, ଫିର୍ ପଢ଼ାଏଙ୍ଗେ'ର ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍ ଓ ସାମାଜିକ କର୍ମୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରୁ ୨ ହଜାରରୁ ଅଧିକ ଛାତ୍ରୀଛାତ୍ର ଏବଂ ଯୁବତୀ ଯୁବକ ଭାଗ ନେଇଥିଲେ।

ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବନ୍ତ ବିଡିଓ ପ୍ରଦୀପ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ତହସିଲଦାର ଅଙ୍କିତା ବାରିକ, ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଞ୍ଜ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଗଜେନ୍ଦ୍ର ସେଠୀ, ରଜନୀ ସେଠୀ, ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ନିହାରିକା ରାଉତ, ଅଶୋକ ମହାନ୍ତି, ସେକ୍ ଜଲାଲଉଦ୍ଦିନ, ପ୍ରଶାନ୍ତ ସାମଲ, ସମିତିସଭ୍ୟ ପରମେଶ୍ୱର ବାରିକ, ସମିତିସଭ୍ୟା ସବିହା ଖାତୁନ, ତ୍ରିଲୋଚନ ପଣ୍ଡା, ଲାଲା ସ୍ୱାଇଁ, ପ୍ରଣବ ଲେଙ୍କା, ଆଲୋକ ରାଉତ, ବିପିନ ନାୟକ, ଅକ୍ଷୟ ଦାସ, ସନ୍ତୋଷ ବାରିକ, ଶିକ୍ଷାବିତ୍ ରମାକାନ୍ତ ରାଉତ, ଗିରିଧାରୀ ଜେନା, ଯାକତ୍ ଅଲ୍ଲୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



## ବାଲେଶ୍ୱରରେ ସାଇକ୍ଲୋଥନ


ଶହୀଦ ପାର୍କ ନିକଟରୁ ବାହାରିଥିବା ସାଇକ୍ଲୋଥନ ।

**ବାଲେଶ୍ୱର ଅଫିସ, ୧।୧**

ବାଲେଶ୍ୱରରେ ନବଗଠିତ 'ୱାଓ' କ୍ଲବ ପକ୍ଷରୁ ନୂଆବର୍ଷ ପାଳନ ଅବସରରେ ଏକ ୱେଲନେସ ଅନ୍ ହୁଇଲ୍‌ସ ସାଇକ୍ଲୋଥୋନ ରବିବାର ଆୟୋଜିତ ହୋଇଛି। ସହରର ସିନେମାଛକ ସ୍ଥିତ ଶହୀଦ ପାର୍କ ନିକଟରୁ ଏହି ସାଇକ୍ଲୋଥୋନ ଆରମ୍ଭ ହୋଇଥିଲା । କ୍ଲବ ପ୍ରତିଷ୍ଠାତା ସଲିମ ରାଜା ଏହାର ନେତୃତ୍ୱ ନେଇଥିଲେ।

ପ୍ରତ୍ୟେକ ରବିବାର ଆୟୋଜିତ ହେଉଥିବା ସାଇକ୍ଲୋଥୋନକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନୂଆବର୍ଷର ପ୍ରଥମ ଦିନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପରିବେଶ ପ୍ରଦୂଷଣ ରୋକିବା ଓ ସୁସ୍ଥ ଶରୀର ରକ୍ଷା ଦିଗରେ ଗୋଟିଏ ପାଦ ଆଗକୁ ନେଇ ସମସ୍ତେ କିଛି ସମୟ ସାଇକେଲ ଚଳାଇବାକୁ ଆହ୍ୱାନ ଦେଇଥିଲେ । ଯୁବନେତା ବିକ୍ରମ ପଣ୍ଡା ଏହି ସାଇକ୍ଲୋଥୋନରେ ସାମିଲ ହୋଇ କ୍ଲବର ପ୍ରୟାସକୁ ପ୍ରଶଂସା କରିବା ସହ ଏହି ଅଭିଯାନ ଅନ୍ୟମାନଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରିଥିଲେ। କବି ଅଭୟ ଦାସ, ଅବଦୁଲ ଖାଲିଦ, ଦେବବ୍ରତ କର, ସତୀଶ ପରିଡ଼ା, ଶାହାବାଜ ଖାନ୍, ଆଲୋକ ପଟ୍ଟନାୟକ, ଶେଖ ତସଲିମ୍, ଶେଖ ଫୟାଜ୍, ଶେଖ ଅରକାନ, ସୁଦର୍ଶନ ମାଝୀ, ସଲାମୁଲହା ସଲାମ ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟ ଏହି ସାଇକ୍ଲୋଥୋନରେ ଅଂଶଗ୍ରହଣ କରିଥିଲେ।

## ଦିବ୍ୟାଙ୍ଗ ପିଲାଙ୍କ ସହ ଦିନଟିଏ

ଖଇରା, (ଡି.ଏନ.ଏ.)-ଗତବର୍ଷ ଭଳି ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖଇରା ବ୍ଲକ ଅଧୀନ କଣ୍ଡାବଣିଆସ୍ଥିତ କେଶବ ପୁରୁଷୋତ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟ ଗସ୍ତ କରି ଦିବ୍ୟାଙ୍ଗ ପିଲାଙ୍କ ସହ ନୂଆବର୍ଷ ପାଳିଛନ୍ତି । ସେ ପୂର୍ବାହ୍ନରେ ବିଦ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ପିଲାଙ୍କୁ ଫଳ ବାଣ୍ଟିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ କର, ସହକାରୀ ଶିକ୍ଷୟିତ୍ରୀ ଗୀତାରାଣୀ ଗିରି, ଶିକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ ଓ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟରେ ଉଜ୍ଜ୍ୱଳ ଆଲୋକ ,ସିସି କ୍ୟାମେରା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ଶାମ୍ବଦଶମୀରେ ସୂର୍ଯ୍ୟ ପୂଜା



ବାରିପଦା ଅଫିସ,୧୧-ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ବାଘଡ଼ା ରୋଡ୍ ପୂଜା କମିଟି ପକ୍ଷରୁ ଶାମ୍ବଦଶମୀ ଅବସରରେ ୫୪ତମ ସୂର୍ଯ୍ୟ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ଏହି ପୂଜା ଚାଲିବ। ପ୍ରତ୍ୟୁଷରେ ବୁଢ଼ାବଳଙ୍ଗ ଓ ଚିପଟ୍ ନଦୀର ସଙ୍ଗମ ସ୍ଥଳରୁ ଘଟ ଉତ୍ତୋଳନ କରାଯାଇ ଏକ ଆଧାତ୍ମିକ ପରିବେଶରେ ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ପୂଜାସ୍ଥଳକୁ ଆଣିଥିଲେ। ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ଖିରି ଖେଚୁଡ଼ି ଭୋଗ ଲାଗି ହୋଇ ସାଧାରଣରେ ବଣ୍ଟନ କରାଯାଇଥିଲା। ଏହି ପୂଜା ଓଡ଼ିଶାର ଖୁବ କମ୍ ସ୍ଥାନରେ ହେଉଥିବା ନେଇ ପୂଜା କମିଟିର ସନତ ପ୍ରହରାଜ ପ୍ରକାଶ କରିଛନ୍ତି। ପୂଜା କମିଟିର ସଦସ୍ୟମାନେ ପରିଚାଳନାରେ ସହଯୋଗ କରୁଛନ୍ତି ।

### ଦୁର୍ଘଟଣାରେ ୩ ପର୍ଯ୍ୟଟକ ଗୁରୁତର

ପାଟଣା,୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରକୁ ବୁଲିବାକୁ ଯାଉଥିବା ଏକ କାର ବାଲିଯୋଡ଼ି ପ୍ରାଥମିକ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ କଲଭର୍ଟରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ପାରାଦୀପର ଚିନ୍ମୟୀ ସ୍ୱାଇଁ(୨୪), କଟକର ସୃଚିସ୍ମିତା ସାମଲ, ଜ୍ୟୋତିରଞ୍ଜନ ନାଏକ। କାରରେ କଟକ ଓ ପାରାଦୀପ ଅଞ୍ଚଳରୁ ୫ ଜଣ ପର୍ଯ୍ୟଟକ ଥିଲେ। ସମସ୍ତେ ଘଟଗାଁରେ ମା' ତାରିଣୀଙ୍କ ଦର୍ଶନ କରି ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳକୁ ବୁଲିବାକୁ ଯାଉଥିଲେ। ଦୁର୍ଘଟଣା ପରେ ପର୍ଯ୍ୟଟକଙ୍କ ମନିପର୍ସ କେହି ନେଇଯାଇଥିବା ସେମାନେ ଅଭିଯୋଗ କରିଥିଲେ।

### ମା' ଦକ୍ଷିଣ କାଳୀପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ତେଲକୋଇ,୧୧(ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ବିଞ୍ଝବାହାଳ ଗାଁରେ ମା' ଦକ୍ଷିଣ କାଳୀଙ୍କର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ପ୍ରାୟ ଦୁଇଶହ ବର୍ଷ ହେବ ମା' କାଳୀଙ୍କର ପୂଜାର୍ଚ୍ଚନା ହୋଇ ଆସୁଛି। କାର୍ଯ୍ୟକ୍ରମରେ ପୂଜକ ଜଗବନ୍ଧୁ ଶତପଥୀ, ଆବାହକ ଶିବ ନାରାୟଣ ଘଡ଼େଇ ସ୍ଥାନୀୟ ସରପଞ୍ଚ ସୌମେନ୍ଦ୍ର ନାୟକ, ଅନନ୍ତ ମାଝି, ଧିରେନ ପରିଡ଼ାଙ୍କ ସମେତ ବିଞ୍ଝବାହାଳ ବିକାଶ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ନବ ବର୍ଷ ପାଳିତ

କେନ୍ଦୁଝର,୧୧(ଡି.ଏନ୍.ଏ): କେନ୍ଦୁଝର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ବର୍ଷ ପାଳନ କରାଯାଇଛି। ସ୍ଥାନୀୟ ସାମନ୍ତରାୟପୁରସ୍ଥିତ ସେବାକେନ୍ଦ୍ର ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅନ୍ୟତମ ଅତିଥି ଭାବେ କେନ୍ଦୁଝର ବିଭାଜନ, ରେଳବାଇ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଆର.କେ. ମେହେର, ଅବସରପ୍ରାପ୍ତ ସିଡିଏମ୍ଓ ଭାରତୀ ବେହେରା ଯୋଗଦେଇ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେବାକେନ୍ଦ୍ର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ସ୍ୱାଗତ କରିଥିଲେ। ମୁକୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ପରିଚାଳନା କରିଥିଲେ। ଝୁମ୍ପୁରା ତହସିଲଦାର ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସମସ୍ତେ ଦ୍ୱୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ କରିବା ସହ କେକ କାଟିଥିଲେ। ଜିଲାର ଅନ୍ୟତମ ବ୍ରହ୍ମାକୁମାରୀ ଗୀତା ପାଠଶାଳା ତଥା ଉପ ସେବାକେନ୍ଦ୍ରମାନଙ୍କରୁ ଭଉଣୀଭାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ୫୫ ହଜାର ପ୍ଲଟ୍‌ରେ ହୋଇନି ଚାଷ

**ଧାନ ବିକ୍ରି ପାଇଁ ଜାଲ୍ ପଞ୍ଜୀକରଣ**

■ସାଟେଲାଇଟ୍ ସର୍ଭେରେ ଧରାପଡ଼ିଲା

■ଟୋକନ ପାଇ ଦ୍ୱନ୍ଦ୍ୱରେ ଚାଷୀ

କେନ୍ଦୁଝର,୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଚଳିତ ବର୍ଷ ୫୫ ହଜାରରୁ ଊର୍ଦ୍ଧ୍ୱ ଜାଲ୍ ପଞ୍ଜୀକରଣ କରାଯାଇଛି। ପଞ୍ଜୀକୃତ ଜମିରେ ଧାନ ଚାଷ ହୋଇନାହିଁ। ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ସର୍ଭେରେ ଉକ୍ତ ତଥ୍ୟ ଜଣାପଡ଼ିଛି। ମାତ୍ର କେତେଜଣ ଚାଷୀ ସେମାନଙ୍କ ପଞ୍ଜୀକରଣ କରିଥିବା ପ୍ଲଟ୍ ମୁତାବକ ଧାନ କିଣା ଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ କ୍ରମେ ସଦର ବ୍ଲକ୍ ରାଇସୁଆଁ ଗ୍ରାମର ଅନନ୍ତ ଚରଣ ରାଉତ (ପଞ୍ଜୀକରଣ ନମ୍ବର ଏଫ୍ ୧୮୧୦୦୦୦୪୭୯୬) ନାମକ ଚାଷୀ ମାତ୍ର ୧.୧୪ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ପାଇ ଚିନ୍ତାରେ ରହିଛନ୍ତି। ତାଙ୍କର ୧.୩୦ ଏକର ଜମି ରହିଥିବା ବେଳେ ଏତେ କମ୍ ପରିମାଣର ଧାନ କିଣିବା ପାଇଁ କିପରି ଟୋକନ (ନମ୍ବର ୪୪୨) ଆସିଲା ବୋଲି ସେ କହିଛନ୍ତି। ଧାନ କିଣାରେ କୌଣସି ତ୍ରୁଟି ହୋଇନାହିଁ। ସାଟେଲାଇଟ୍ ସର୍ଭେ ପରେ ଚାଷ ହୋଇ ନଥିବା ଜମିର ଟୋକନ



ଧାନ କ୍ରୟ କେନ୍ଦ୍ର।

କଟାଯାଇଛି। କୌଣସି ଅଭିଯୋଗ ଥିଲେ ସୂଚନା ଦେଖିପାରିବେ ବୋଲି ସମବାୟ ସମିତି ପକ୍ଷରୁ କୁହାଯାଇଛି। ବିଭାଗୀୟ ସୂଚନା ମୁତାବକ, ଜିଲାରେ ଚାଷୀମାନେ ପଞ୍ଜୀକରଣ କରିବା ପରେ ଜୁଲାଇ, ସେପ୍ଟେମ୍ବର ଓ ଅକ୍ଟୋବରରେ ସାଟେଲାଇଟ ସର୍ଭେ କରାଯାଇଥିଲା। ପଞ୍ଜୀକରଣ କରିଥିବା ଚାଷୀଙ୍କ ମଧ୍ୟରୁ ୭୨ ହଜାର ପ୍ଲଟ୍ ସନ୍ଦେହପୂର୍ଣ୍ଣ ଥିଲା। ଅର୍ଥାତ୍ ଆଦୌ ଚାଷ ହୋଇ ନ ଥିବା କିମ୍ବା ପରିବା, ବାଦାମ ଆଦି ଚାଷ ଓ ଘରବାଡ଼ି ଭଳି କାମରେ ବ୍ୟବହାର ହୋଇଥିବା ଆଦି କାରଣରୁ ସର୍ଭେରେ ପ୍ଲଟ୍‌ଗୁଡ଼ିକ ସନ୍ଦେହ ଘେରକୁ ଆସିଥିଲା। ଏହା ସତ୍ତ୍ୱେ ଫିଲ୍ଡ ସର୍ଭେ କରାଯାଇଥିଲା। ସେଥିରୁ ୭ ହଜାର ପ୍ଲଟ୍‌ରେ ଧାନ ଚାଷ କରାଯାଇଥିବା ବେଳେ ୫୫ ହଜାର ପ୍ଲଟ୍‌ରେ ଆଦୌ ଧାନ ଚାଷ ହୋଇ ନ ଥିବା ଧରାପଡ଼ିଥିଲା। ଏଣୁ ଏସବୁ ଜାଲ୍ ପ୍ଲଟ୍ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଥିଲା। ଏଣୁ ସହି ସବୁ କାରଣରୁ ବହୁ ଚାଷୀ ପଞ୍ଜୀକରଣ କରିଥିଲେ ହେଁ ଧାନ ବିକ୍ରିରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ଏହାକୁ ନେଇ ଚାଷୀମାନେ ସୋସାଇଟି ତଥା ପ୍ରଶାସନ ଉପରେ ଦୋଷାରୋପ କରୁଛନ୍ତି। ଆଗାମୀ ଦିନରେ ଏନେଇ ସ୍ପଷ୍ଟ ସୂଚନା ଦିଆ ନ ଗଲେ ଚାଷୀ ଅସନ୍ତୋଷ ଓ ଆନ୍ଦୋଳନ ବଢ଼ିବ ବୋଲି ମତପ୍ରକାଶ ପାଉଛି। ଏ ନେଇ କେନ୍ଦୁଝର ଡିଆର୍‌ଏସ୍‌ଏସ୍ (ଡେପୁଟି ରେଜିଷ୍ଟ୍ରାର କୋ ଅପରେଟିଭ ସୋସାଇଟି) ଶୁଭକାନ୍ତ ଟୁଗି କହିଛନ୍ତି, ସାଟେଲାଇଟ ଜରିଆରେ ମ୍ୟାପିଂ କରାଯାଇଛି। କୌଣସି ତ୍ରୁଟି ହୋଇନାହିଁ। ଏ ନେଇ କୌଣସି ଅଭିଯୋଗ ଥିଲେ ସେମାନେ ଆସି ସୂଚନା ଦେଖିପାରିବେ ବୋଲି କହିଛନ୍ତି।

# ଆରମ୍ଭ ହେଲା ତ୍ୟାଗଭୂମି ମହୋତ୍ସବ



ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

ଭଦ୍ରକ ଅଫିସ,୧୧

ପୂର୍ବପୁରୁଷଙ୍କ ତ୍ୟାଗ ଓ ବଳିଦାନର କାହାଣୀକୁ ନେଇ ଭଦ୍ରକ ମାଟି ଗୌରବାନ୍ୱିତ। ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆ ମାଟିର ଗୌରବର ଗାଥା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିଛି ବୋଲି ରବିବାର ଭଦ୍ରକ ନେହେରୁ ଷ୍ଟାଡିୟମରେ ତ୍ୟାଗଭୂମି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଦିବସରେ କମିଟି ସଦସ୍ୟମାନେ ମହାତ୍ମା ଗାନ୍ଧୀ, ଡ. ହରେକୃଷ୍ଣ ମହତାବ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କବିଶେଖର ଚିନ୍ତାମଣି ମହାନ୍ତି ଓ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରକ୍ତତୀର୍ଥ ଇରମ ଓ ଶହୀଦପୀଠ ଲୁଣିଆରୁ ଦୁଇଟି ବିରାଟ ମଶାଲ ଶୋଭାଯାତ୍ରା, ବାଇକ୍ ରାଲି ସହର ପରିକ୍ରମା କରି ମହୋତ୍ସବସ୍ଥଳୀରେ ପହଞ୍ଚିଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ବରେଣ୍ୟ ଅତିଥି ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ ପ୍ରମୁଖ ଯୋଗଦେଇ ଭଦ୍ରକର ତ୍ୟାଗ ଓ ସଂଗ୍ରାମ ବିଷୟରେ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ରଙ୍କୁ ତ୍ୟାଗଭୂମି ସମ୍ମାନରେ ସମ୍ମାନିତ କରାଯାଇଥିଲା। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ, ସମ୍ପାଦକ ଅଧିବକ୍ତା ଗଦାଧର ବଳ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସଙ୍ଗଠନ ସମ୍ପାଦକ ସୁଧାକର ରାଉତ, ସହସମ୍ପାଦକ ଗୌରାଙ୍ଗ ବାରିକ, ପତ୍ରିକା ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଡ. ଅଭୟ କୁମାର ଦାସ, ପର୍ଶୁରାମ ଦ୍ୱିବେଦୀ, ଡ. ଝରଣା ପଟ୍ଟନାୟକ, ଅମରେନ୍ଦ୍ର ବିଶ୍ୱାଳ, ଅଧିବକ୍ତା ଦିବ୍ୟସିଂହ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନା ଚକ୍ର

ବଡ଼ସାହି,୧୧ (ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବେତନଟୀ ମହାବିଦ୍ୟାଳୟ ବିଭାଗୀୟ ଅଧ୍ୟାପକ ଦେବଦତ୍ତ ମହାପାତ୍ର ରିସର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ପ୍ରଦୀପ କୁମାର ପଣ୍ଡା, କୃପାସିନ୍ଧୁ ମହାକୁଡ଼, ବିନୋଦ କୁମାର ପରିଡ଼ା, ଜୀବନ କୁମାର ପଣ୍ଡିତ, ନିବେଦିତା ବେହେରା ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧ୍ୟାପିକା ଅଲିଭା ବେହେରା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ମଣ୍ଡି ଶୁଭାରମ୍ଭ

ଧାମନଗର,୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ରାଧାବଲ୍ଲଭପୁର ପଞ୍ଚାୟତ ଭାରତମାତା ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ସରକାରୀ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସିଡିପିଓ ନମିତାଦାଶ, ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର (ବିପିସି) ଗୀତାଞ୍ଜଳି ଦାସ, ସରପଞ୍ଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗୋଷ୍ଠୀ ମାଧ୍ୟମରେ ଧାନ ବିକ୍ରିଲାଗି ୪୨୬ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପ୍ରତ୍ୟେକ ସପ୍ତାହର ସୋମବାର, ବୁଧବାର ଓ ଶୁକ୍ରବାରରେ ଅନ୍‌ଲାଇନ ଟୋକନ ପାଇଥିବା ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ସ୍ୱୟଂସହାୟିକା ଗୋଷ୍ଠୀର ସଭାପତି ଲିପିକା ରାଣୀ ପଣ୍ଡା କହିଛନ୍ତି।

# ୭ ପ୍ରତିଯୋଗୀ ଜିତିଲେ ୧୪ ପଦକ

**କରାଟେ ପ୍ରତିଯୋଗିତା**

ରାଇରଙ୍ଗପୁର,୧୧(ଡି.ଏନ.ଏ)

ପଶ୍ଚିମବଙ୍ଗର କୋଲକାତାସ୍ଥିତ ରେଳବାଇ ସ୍ପୋର୍ଟସ୍ ଷ୍ଟାଡିୟମଠାରେ ଚାଲିଥିବା କରାଟେ ପ୍ରତିଯୋଗିତା-୨୦୨୨ ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଦେଶ ଓ ବିଦେଶର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭାରତୀୟ ଦଳ ପକ୍ଷରୁ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଇଣ୍ଟରନ୍ୟାସନାଲ ଭଞ୍ଜଭୂମି କରାଟେ ଶିକ୍ଷାନୁଷ୍ଠାନର ୩ ଛାତ୍ରୀ ଏବଂ ୪ଛାତ୍ରଙ୍କ ସମେତ ମୋଟ ୭ ଖେଳାଳି ଅଂଶ ଗ୍ରହଣ କରି ୧୪ ପଦକ ହାସଲ କରିଛନ୍ତି । ପଦକ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସିନିୟର ବିଭାଗ କରାଟେ ପ୍ରତିଯୋଗୀ ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି ୧ରୌପ୍ୟ ଏବଂ ୧ ବ୍ରୋଞ୍ଜ, ଜୁନିୟର ବିଭାଗରେ ଛାତ୍ରୀ ସିତାମଣୀ ମାଝି ୨ ରୌପ୍ୟ, ଜୟଶ୍ରୀ ବେହେରା ୨ ବ୍ରୋଞ୍ଜ ପଦକ, ବବି ମାଝି ୨ ବ୍ରୋଞ୍ଜ ଏବଂ ଅରିନ୍ଦମ ଗୋପ ୨ ବ୍ରୋଞ୍ଜ, ସବ୍ ଜୁନିୟର ବିଭାଗରେ ସ୍ନେହା କୁମାରୀ ବେହେରା ୨ ରୌପ୍ୟ ଏବଂ ନିଖିଳ କୁମାର ବେହେରା ୧ସ୍ୱର୍ଣ୍ଣ ଏବଂ ୧ ରୌପ୍ୟ ପଦକ ହାସଲ କରିଥିବା ଜଣାପଡ଼ିଛି । ଉକ୍ତ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏନେଇ ରାଇରଙ୍ଗପୁର ଅଞ୍ଚଳବାସୀ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଭିଭାବକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ପ୍ରଶାସକ, ନେତାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା

ବାଲେଶ୍ୱର ଅଫିସ, ୧୧

ବାଲେଶ୍ୱର ଜିଲାରେ ଇଂରାଜୀ ନବବର୍ଷ ୨୦୨୩ ଧୁମଧାମ୍‌ରେ ପାଳନ କରାଯିବା ସହ ଉତ୍ସବର ମାହୋଲ ପରିଲକ୍ଷିତ ହୋଇଛି। ଦୁଇବର୍ଷର କୋଭିଡ୍ କଟକଣା ହଟିଥିବା ଯୋଗୁ ଚଳିତ ନୂଆବର୍ଷର ପ୍ରଥମ ଦିନକୁ ଲୋକେ ଜାକଜମକରେ ପାଳନ କରିଛନ୍ତି। ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ନେତାଠାରୁ କର୍ମୀ ପର୍ଯ୍ୟନ୍ତ ସମସ୍ତେ ପରସ୍ପରକୁ ଫୁଲତୋଡ଼ା ଦେଇ ନୂଆବର୍ଷର ଶୁଭେଚ୍ଛା ଜଣାଇ ମିଠା ଖୁଆଇଥିଲେ। ବିଶେଷ କରି ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ତଥା ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳ, ପୂର୍ବାଞ୍ଚଳ ଆଇଜି ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ନବବର୍ଷର ଶୁଭେଚ୍ଛା



ଜିଲାପାଳଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଯାଉଛି।

ଜଣାଇଛନ୍ତି । ହାତରେ ଫୁଲତୋଡ଼ା, ମିଠା ପ୍ୟାକେଟ୍ ଓ ଉଲିକି ଭଳି ଉପହାର ନେଇ ସକାଳୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ବିଭିନ୍ନ ବର୍ଗର ଲୋକେ ଭିଡ଼ ଲଗାଇଥିଲେ। ଜିଲାର ସାମଗ୍ରିକ ଉନ୍ନତି ପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସେହିପରି ରାଜନେତା ଓ ଲୋକ ପ୍ରତିନିଧିଙ୍କ ବାସଭବନରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ସହଯୋଗୀ, ସମର୍ଥକଙ୍କ ସମେତ ଦଳୀୟ କର୍ମୀ ଓ ବିଭିନ୍ନ ସରକାରୀ ବିଭାଗ ଅଧିକାରୀମାନେ ତାଙ୍କ ବାସଭବନରେ ପହଞ୍ଚି ନୂଆବର୍ଷ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ବରିଷ୍ଠ ସାମାଜିକ କର୍ମୀ ସୁବାସିନୀ ଜେନା, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖଙ୍କୁ ମଧ୍ୟ ବିଭିନ୍ନ ବର୍ଗର ଲୋକେ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ନୂଆ ବର୍ଷ ରବିବାରରେ ପଡିଥିଲେ ମଧ୍ୟ ଛୁଟି କଟାଇବା ପରିବର୍ତ୍ତେ ବିଭିନ୍ନ ବିଭାଗର କର୍ମଚାରୀ କେବଳ ଶୁଭେଚ୍ଛା, ଫୁଲତୋଡ଼ା ଓ ମିଠା ବଣ୍ଟନରେ ଅଧା ସମୟ କାଟିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଅଭିଷେକ



@ରଶ୍ମିତା



@ବୀଣାପାଣି



@କୀର୍ତ୍ତିମାଳା

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ନାଚ, ଗୀତରେ ସମୟ କାଟିଲେ ପିଲା



ନୂଆବର୍ଷ ଅବସରରେ କୁଟାରୀରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।

ସିମୁଳିଆ,୧୧(ଡି.ଏନ.ଏ.)

ନୂଆବର୍ଷ ଅବସରରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କନ୍ଦ୍ରେଇବିନ୍ଧା ପଞ୍ଚାୟତ କୁଟାରୀ ଅଞ୍ଚଳରେ କୁନି କୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର କଳାପ୍ରେମୀ ତଥା ଦି ମ୍ୟୁଜିକ ଓଡ଼ିଶାର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସୌଜନ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିଥି ରୂପେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ରାଜେନ୍ଦ୍ର କୁମାର ମହାପାତ୍ର, କବି ତଥା ଶିକ୍ଷକ ସୂର୍ଯ୍ୟମଣି ବୋଇତି, ଖାଉଟି ସଚେତକ ପ୍ରଶାନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ସ୍ଥଳସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ, ବିଶିଷ୍ଟ ଓଡ଼ଶୀ ନୃତ୍ୟ ପ୍ରଶିକ୍ଷିକା ରୀତାଞ୍ଜଳି ମହାପାତ୍ର, କଣ୍ଠଶିଳ୍ପୀ ରାଜେଶ ଘଡ଼ିଆ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଶିଶୁମାନଙ୍କ ଅନ୍ତର୍ନିହିତ କଳା ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ସଙ୍ଗୀତ, ନୃତ୍ୟ ପରି ବିଭିନ୍ନ କଳା ପ୍ରଶିକ୍ଷଣର ଆବଶ୍ୟକତା ରହିଛି ବୋଲି କବି ସୂର୍ଯ୍ୟମଣୀ ବୋଇତି ସୂଚନା ଦେଇଥିଲେ। ସେହିପରି ଜୀବନର ଲକ୍ଷ୍ୟ ଓ ଜୀବନ ଗଠନ ସମ୍ପର୍କରେ ବାୟୁସେନା କର୍ମଚାରୀ ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଥିଲେ। ସହରପରି ଗ୍ରାମାଞ୍ଚଳର ଶିଶୁ ମାନଙ୍କୁ କଳା ଶିକ୍ଷା ଦୀଗରେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ରବୀନ୍ଦ୍ର ପରିଡ଼ା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଧ୍ୟାରାଣୀ ରାଉତ, ସୁକାନ୍ତି ସେଠୀ, ରମାକାନ୍ତ ପରିଡ଼ା ପ୍ରମୁଖ ସହଯୋଗୀ ଥିଲେ।

